## ପ୍ରେମ ବିବାହ କରି ଦିବ୍ୟାଙ୍ଗ ଯୁବତୀଙ୍କୁ ପ୍ରତାରଣା

# ଭଙ୍ଗା କୁଡ଼ିଆରେ ସ୍ୱାମୀ ଫେରିବା ବାଟକୁ ଚାହିଁ ରହିଛି

**ଶାଶୁ-ଶଶୁର ପର କରିଦେଲେ**

କବିସୂର୍ଯ୍ୟନଗର, ୯।୯ (ସମିସ)

ଭଲ ପାଇ ଦୁହେଁ ଦୁହିଁଙ୍କ ପରିବାରର ବିରୋଧ ସତ୍ତ୍ୱେ ବିବାହ କଲେ। ପରିବାର ପକ୍ଷରୁ ଥାନାରେ ମାମଲା ହେଲା। ଥାନାରେ ମହିଳା ଅଧିକାରୀ ଦୁହିଁଙ୍କୁ ଭଡ଼ାଘରେ ଦାମ୍ପତ୍ୟ ଜୀବନ ଅତିବାହିତ କରିବାକୁ ସ୍ୱୀକୃତି ପ୍ରଦାନ କଲେ। ଦୁଇ ପରିବାର ଏଥିରେ ସମ୍ମତି ପ୍ରକାଶ କଲେ। କିନ୍ତୁ ମାସେ ନପୁରୁଣୁ ସ୍ତ୍ରୀକୁ ଭଡ଼ାଘରେ ଛାଡ଼ି ପଳାଇଲା ସ୍ୱାମୀ। ଝିଅଘର ପକ୍ଷରୁ ବହୁ ଖୋଜାଖୋଜି ପରେ ବି ଟେର୍ ମିଳୁନି ଜ୍ୱାଇଁର। ମୋବାଇଲ ସୁଇଚ୍ ଅଫ ରହିଛି। ଏପରି ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଗଙ୍ଗାପୁର ଗ୍ରାମରେ। ଗ୍ରାମର ରମେଶ ଗୌଡ (୩୦) ଜଣେ ପରିବା ବେପାରୀ। ଏକ ଲୁନା ଗାଡ଼ିରେ ଗାଁ ଗାଁ ବୁଲି ପରିବା ବିକନ୍ତି। ନିକଟ ବଡ଼ଆଗୁଳ ଗାଁକୁ ପରିବା ବିକିବାକୁ ଯିବାବେଳେ ଜନୈକ ଦିବ୍ୟାଙ୍ଗ ଯୁବତୀଙ୍କୁ ଭଲ ପାଇ ବସନ୍ତି। ଭଲ ପାଇବାକୁ ସ୍ୱୀକୃତି ଦେଇ ବିବାହ କରିବାକୁ ଦୁହେଁ ଫେରାର ହୋଇଯାଆନ୍ତି। ଏନେଇ ଝିଅର ବାପା କବିସୂର୍ଯ୍ୟନଗର ଥାନାରେ ଏତଲା ଦେବାପରେ ଦୁହିଁଙ୍କୁ ପୁଲିସ ଧରିବା ପରେ ଉଭୟ ରାଜି ଥିବାରୁ ଏକାଠି ରହିବାକୁ ଅନୁମତି ଦିଅନ୍ତି। କବିସୂର୍ଯ୍ୟନଗର ଗୋପୀନାଥ ନଗରରେ ଏକ ଭଡ଼ାଘରେ ଦୁହେଁ ୨୫ ଦିନ ବିତାଇଲେ। ରମେଶର ସାନଭାଇ ଘରକୁ ଯିବା ଆସିବା କରେ। ସେ ସୁଯୋଗ ଦେଖି ଘରୁ ଭାଇର ବ୍ୟବହାର୍ଯ୍ୟ ପୋଷାକ ଆଦି ଧୀରେ ଧୀରେ ନେଇଯାଉଥାଏ। ଶେଷରେ ରମେଶ ସ୍ତ୍ରୀକୁ ନ ଜଣାଇ ସେଠାରୁ ଚମ୍ପଟ ମାରିଥିଲା। ଏପରିସ୍ଥଳେ ଘରବାଲା ଘର ଛାଡିବାକୁ ବାଧ କରିବାରୁ ଯୁବତୀ ଜଣକ ଗଙ୍ଗାପୁର ସ୍ୱାମୀଘରେ ପହଞ୍ଚିଥିଲା। ତେବେ ବୋହୂକୁ ଘରେ ଆଶ୍ରୟ ଦେବା ପୂର୍ବରୁ ଉଭୟ ଶାଶୁ ଶ୍ୱଶୁର ନିଜ ଘର ଛାଡି ନିଜ ଗାଁ ଗଙ୍ଗାପୁର ଅନ୍ୟ ଏକ କୋଠାଘରକୁ ଚାଲିଗଲେ। ଆଜକୁ ୧୨ ଦିନ ବିତିଗଲା ଅଥଚ କୌଣସି ପ୍ରଶାସନ, ପୁଲିସ ଦିବ୍ୟାଙ୍ଗ ଯୁବତୀଙ୍କ ପାଖରେ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ଭଙ୍ଗା ଦଦରା ଚାଳ, ଝୁମ୍ପୁଡ଼ି ଘରେ ବିପଦପୂର୍ଣ୍ଣ ଭାବରେ ରହି ଆସୁଛନ୍ତି ଦିବ୍ୟାଙ୍ଗ ଯୁବତୀ। ଗାଁ ଲୋକ ଦୟାରେ ଯାହା ଦେଉଛନ୍ତି ଖାଇ ରହିଛି। ତେବେ କିଛି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଯୁବତୀଙ୍କ ପାଖରେ ପହଞ୍ଚିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କଂଗ୍ରେସର ସଂଗଠନ ସୃଜନ ଅଭିଯାନ





ସାନଖେମୁଣ୍ଡି/ଧରାକୋଟ, ୯।୯ (ସମିସ): ସାନଖେମୁଣ୍ଡି କଂଗ୍ରେସ ପକ୍ଷରୁ ବୁଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସଂଗଠନ ସୃଜନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଆଇସିସି ସମ୍ପାଦକ ସଚିନ ନାଇକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଦଳକୁ ତୃଣମୂଳସ୍ତରରୁ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ର ଉପ ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ଚରଣ ପାତ୍ର, ବରିଷ୍ଠ କଂଗ୍ରେସ ନେତା ଅରବିନ୍ଦ ନାୟକ, ବ୍ଲକ କଂଗ୍ରେସ ସଭାପତି ବାବୁଲା ଦୋରା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ବାଉରୀ ବନ୍ଧୁ ପ୍ରଧାନ, କଂଗ୍ରେସ ଦଳର ଜିଲ୍ଲା ସଂଯୋଜକ ଦେବକାନ୍ତ ଶର୍ମା, ଖଲିଙ୍ଗି ସରପଞ୍ଚ ଅର୍ଣ୍ଣବ ନାୟକ, ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ, ମିଥୁନ ସେଠୀ, ରୋହିତ ଖୁଣ୍ଟିଆ, ପିଣ୍ଟୁ ସେଠୀ, ସଞ୍ଜୟ ଦୋରା ପୂର୍ବତନ ସରପଞ୍ଚ ନିରାକାର ପ୍ରଧାନ, ସୁଶାନ୍ତ ସ୍ୱାଇଁ ସମିତି ସଭ୍ୟ ସଂଗ୍ରାମ ବିଷୋୟୀ, ବୁଲୁ ସେଠୀ ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସେହିଭଳି ଧରାକୋଟ ବ୍ଲକ ବେଠୁଆର ସ୍ଥିତ ମା' ଘୋଡାଦେଇଙ୍କ ପୀଠରେ ସାନଖେମୁଣ୍ଡି କଂଗ୍ରେସ ତରଫରୁ ସଂଗଠନ ସୃଜନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଏଆଇସିସି ପର୍ଯ୍ୟବେକ୍ଷକ ତଥା ପୂର୍ବତନ ସମ୍ପାଦକ ସଚିନ ନାୟକ, ରାଜ୍ୟ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବାଲିକୁଦା ବିଧାୟକ ଲଲାଟେନ୍ଦୁ ମହାପାତ୍ର, ରାଜ୍ୟ ପ୍ରଭାରୀ ସ୍ୱାଗତିକା ପଟନାୟକ, ସହ ପ୍ରଭାରୀ ବିଜୟ ପ୍ରଧାନ, ଖଲିକୋଟ ବିଧାୟକ ପ୍ରାର୍ଥୀ ତଥା ଏସସିସେଲ ଅଧ୍ୟକ୍ଷ ଚିତ୍ରସେନ ବେହେରା, ଗଞ୍ଜାମ ଦକ୍ଷିଣ ସଂଯୋଜକ ଦେବକାନ୍ତ ଶର୍ମା, ସାମାଜିକ ଗଣ ମାଧ୍ୟମ ତଥା ଡିଜିଟାଲ ଯୋଗାଯୋଗ ସଦସ୍ୟ ମାନସ ପୂର୍ଣ୍ଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଯୁବନେତା ଶତ୍ରୁଘ୍ନ ଗୌଡ଼ଙ୍କ ସଂଯୋଜନାରେ ଏହି ବୈଠକରେ କଂଗ୍ରେସ ଦଳର ଆଦର୍ଶ, ରାହୁଲ ଗାନ୍ଧୀଙ୍କ ମାର୍ଗ ଦର୍ଶନ ଦ୍ୱାରା ସଂଗଠନକୁ ସୁଦୃଢ଼ କରିବା ସହ କର୍ମୀଙ୍କ ଦ୍ୱାରା ନେତା ଚୟନ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ପୁରୁଷୋତ୍ତମପୁର, ୯।୯ (ସମିସ): ସ୍ଥାନୀୟ ପିଏମଶ୍ରୀ ନରସିଂହ ଦାସ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ କ୍ରୀଡ଼ା ଓ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୁଷୋତ୍ତମପୁର ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଡାକ୍ତର ବିକ୍ରମ କୁମାର ମହାପାତ୍ର, ସମାଜସେବୀ ନିର୍ମଳ ଚନ୍ଦ୍ର ସାହୁ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ ମହାପାତ୍ର, ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ନାୟକ, ସୁଦର୍ଶନ ବେହେରା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ସାହୁ ଯୋଗଦେଇ କ୍ରୀଡ କ୍ଷେତ୍ରରେ ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାରେ ୪୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତି ଛାତ୍ରଛାତ୍ରୀ ଜିଲ୍ଲାସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟକ୍ରମକୁ ସିଆରସିସି ହେମନ୍ତ କୁମାର ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ବ୍ଲକସ୍ତରୀୟ କ୍ରୀଡ଼ା ଯୁଗ୍ମ ସମ୍ପାଦକ ବାଲ୍ୟକୃଷ୍ଣ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ କାଳୁଚରଣ ମହାକୁଡ, ଜଗନ୍ନାଥ ଜେନା, ନିର୍ମଳ ଚନ୍ଦ୍ର ବସନ୍ତିଆ ସମେତ ସମସ୍ତ ଶିକ୍ଷକ ପରିଚାଳନା କରିଥିଲେ।

## ବେସରକାରୀ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ସଂଘର ଆନ୍ଦୋଳନ ଜାରି

# ପାଠପଢ଼ା ଓ ଅଫିସ କାର୍ଯ୍ୟ ବାଧାପ୍ରାପ୍ତ

ପୋଲସରା, ୯।୯ (ସମିସ): ରାଜ୍ୟ ବେସରକାରୀ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ସଂଘର ଆନ୍ଦୋଳନ ଜାରି ରହିଛି। ଫଳରେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେରେ ପାଠପଢା ଓ ଅଫିସ କାର୍ଯ୍ୟା ବାଧାପ୍ରାପ୍ତ ହୋଇଛି। ସମ୍ପ୍ରତି ୨୩ ଦିନରେ ଆନ୍ଦୋଳନ ପହଞ୍ଚିଛି। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ପାଠ ପଢିବା ପାଇଁ ଦୂର ଦୂରାନ୍ତରୁ ଆସି ନିରାଶ ହୋଇ ଫେରୁଛନ୍ତି। ସେହିଭଳି ଛାତ୍ରଛାତ୍ରୀ ନିଜର ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ସାର୍ଟିଫିକେଟ ନେବାରେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ବେସରକାରୀ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ସଂଘ ବନ୍ଦ ଡାକରାକୁ ସମର୍ଥନ ଜଣାଇ ଗତ ଅଗଷ୍ଟ ୧୮ରୁ ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ବେସରକାରୀ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ଧାରଣାରତ ଅଛନ୍ତି। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସଂଘ ଓ ଅଭିଭାବକ ମହଲରେ ଦାବି ହୋଇଛି।

## କୋଦଳାରେ ଆଶ୍ୱିନ ମଙ୍ଗଳା ଓଷା



କୋଦଳା, ୯।୯ (ସମିସ): କୋଦଳା ଅଞ୍ଚଳର ବିଭିନ୍ନ ସ୍ଥାନରେ ଆଶ୍ୱିନ "ମଙ୍ଗଳ ଓଷା' ବା ନିଶା ମଙ୍ଗଳବାର ପୂଜା ପାଳିତ ହୋଇଛି। ପ୍ରତ୍ୟୁଷରୁ ମହିଳାମାନେ ପୂଜା ସ୍ଥାନରେ ଏକତ୍ରିତ ହୋଇ ମା'ଙ୍କୁ ଆରାଧନା କରିଛନ୍ତି। ମଙ୍ଗଳା ମୂର୍ତ୍ତି ସ୍ଥାପନା କରି ପୂଜା କରିବା ସହ ସନ୍ଧ୍ୟାରେ ପୂଜା ଗୀତ ବୋଲି ଆରତୀ ଦର୍ଶନ କରି ଘରକୁ ଫେରୁଥିବା ଜଣାପଡ଼ିଛି। ଲୋକକଥା ଅନୁଯାୟୀ ନିଶା ମଙ୍ଗଳବାରରେ ମା' ସର୍ବମଙ୍ଗଳାଙ୍କୁ ଆରାଧନା କରାଯାଏ। ମଙ୍ଗଳା ହେଉଛନ୍ତି ଶକ୍ତି ବା ମା ଦୁର୍ଗାଙ୍କ ପ୍ରତୀକ। ନିଶା ମଙ୍ଗଳବାର କଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଏହି ମାସରେ ୪ପାଳି ମଙ୍ଗଳବାର ପଡୁଥିବା ବେଳେ ସମସ୍ତ ପାଳିରେ ପୂଜାର୍ଚ୍ଚନା ସହିତ ଶେଷରେ ମା'ଙ୍କୁ ରୀତିନୀତି ଅନୁଯାୟୀ ବିଦାୟ ଦେବେ ବୋଲି ମହିଳାମାନେ କହିଛନ୍ତି।

## ଚାରାରୋପଣ ନାଁରେ ଲକ୍ଷାଧିକ ଟଙ୍କା ହଡ଼ପ

**ସାମଜିକ ସମୀକ୍ଷାରେ ଧରାପଡିଲା ସତ; ଭିଜିଲାନ୍ସ ତଦନ୍ତ ଦାବି**

ଦିଗପହଣ୍ଡି, ୯।୯ (ସମିସ): ଦିଗପହଣ୍ଡି ବ୍ଲକ ଇଲାକାରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ନଡ଼ିଆ, କାଜୁ ଚାରାରୋପଣ ନାଁରେ ମିଥ୍ୟା ବିଲ୍ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ ନିମନ୍ତେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଦାବି କରିଛନ୍ତି। ଦିଗପହଣ୍ଡି ବ୍ଲକସ୍ତରୀୟ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣିରେ ଘଟଣା ପଦାକୁ ଆସିଛି। ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସୁବ୍ରତ ଶତପଥି ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ଅନାମିକା ପାଣ୍ଡେ, ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବିନ୍ଦ୍ର ମଲାଣ, ଏପିଓ ସନ୍ତୋଷ ସାହୁ, ବ୍ଲକ ସାମାଜିକ ସମୀକ୍ଷକ ଶଙ୍କର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ବ୍ଲକ ଅଧିନ ୨୫ଟି ପଞ୍ଚାୟତରେ ବିଗତ ୬ମାସ ମଧ୍ୟରେ ମନରେଗା ଯୋଜନା ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରୀତା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ସମଗ୍ର ଶିକ୍ଷା ଅଭିଯାନର ବିକାଶ ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରାଯାଇଥିଲା।

ଜକର ପଞ୍ଚାୟତ ଫୁଲସାଗର ପୋଖରୀ ହିଡ଼ରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨ଶହ ନଡ଼ିଆ ଚାରାରୋପଣ କରାଯାଇଥିବା ଦର୍ଶାଇ ମାତ୍ର ୨୦ ଚାରା ରୋପଣ କରି ୨ଲକ୍ଷ ୨୯ ହଜାର ୨୯ ୬ଟଙ୍କା ଆତ୍ମସାତ କରାଯାଇଥିବା ଧରାପଡ଼ିଛି। ପୂର୍ବରୁ ଏନେଇ ସରପଞ୍ଚ ରଶ୍ମିତା ପ୍ରଧାନ ପଞ୍ଚାୟତ ବୈଠକରେ ତଦନ୍ତ ପାଇଁ ନିର୍ଦ୍ଧାରଣ କରାଯାଇଥିବା ଜଣାଇଛନ୍ତି। ଚାଉଳ ଶୁଖାଇବା ନାଁରେ ଅର୍ଥ ଆତ୍ମସାତ ନେଇ ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର ପ୍ରଧାନ ଯୋଗାଣ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବୋଲି କହିଛନ୍ତି। ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅର୍ଥ ହଡ଼ପ କରିଥିବା ସେ ଅଭିଯୋଗ କରିଛନ୍ତି। ଚଷାନିମଖଣ୍ଡି ପଞ୍ଚାୟତ ସିନ୍ଧବା ଗ୍ରାମ ରଘୁବନ୍ଧ ହିଡରେ ଗୋଟିଏ ବି ନଡ଼ିଆ ଚାରାରୋପଣ କରାନଯାଇ ୧ଶହ ନଡ଼ିଆ ଚାରା ରୋପଣ ଦର୍ଶାଇ ୮୦୫୧୮ ଟଙ୍କା ଆତ୍ମସାତ କରାଯାଇଛି। ବି.ତୁରୁବୁଡି ପଞ୍ଚାୟତ ଝରିପଦର ଗ୍ରାମରେ ମାତ୍ର ୭୫ଟି କାଜୁଚାରା ରୋପଣ କରାଯାଇ ୩ ଶହ ପାଇଁ ଖର୍ଚ୍ଚ ବାବଦରେ ୨୦୨୧୮୪ ଟଙ୍କା ବ୍ୟୟ ମଞ୍ଜୁରୀ କରାଯାଇଛି। ଫାସିଗୁଡ଼ା ପଞ୍ଚାୟତ ତୁଣ୍ଡୁରା ଗ୍ରାମ ଖାରିନାଳରେ ଚେକଡ୍ୟାମ ପାଇଁ ୭ଲକ୍ଷ ଟଙ୍କା ବ୍ୟୟଅଟକଳ କରାଯାଇ ଏକ କଲଭର୍ଟ କରି ୬୫୮୧୨୫ ଟଙ୍କା ବ୍ୟୟ ମଞ୍ଜୁରୀ କରାଯାଇଥିବା ନେଇ ସାମାଜିକ ସମୀକ୍ଷକଙ୍କ ଦ୍ୱାରା ତଦନ୍ତ ରିପୋର୍ଟ ଶିବିରରେ ଉପସ୍ଥାପନ କରାଯାଇଥିଲା।

ସେହିପରି ଜକର ପଞ୍ଚାୟତରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗାଇ ଦିଆଯାଇଥିବା ଚାଉଳ ଓଦା ହୋଇଯାଇଥିବା ଦର୍ଶାଇ ଶୁଖାଇବାକୁ ୬୪ ହଜାର ଟଙ୍କା ଆତ୍ମସାତ କରାଯାଇଥିବା ସାମାଜିକ ସମୀକ୍ଷକଙ୍କ ଅଡିଟ ରିପୋର୍ଟରେ ଉଲ୍ଲେଖ ରହିଛି। ଶିବିରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ, ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ତପନ ପ୍ରଧାନ, ଲିଙ୍ଗରାଜ ଦୋରା, ବିଜୟ ପ୍ରଧାନ, ବ୍ଲକ ଏମ.ପି ପ୍ରତିନିଧି କେ. ହରିବନ୍ଧୁ ରେଡ୍ଡୀ, ସମିତି ସଭ୍ୟ ସୁରଭି ବିଷୋୟୀ, ରମେଶ ଚନ୍ଦ୍ର ପାଢ଼ୀ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟରତ ଅଧିକାରୀ, ବ୍ଲକ ଶିକ୍ଷା ବିଭାଗ ଓ ଯୋଗାଣ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଦୁର୍ନୀତି ସମ୍ପର୍କରେ ବିଡ଼ିଓଙ୍କୁ ପଚାରିବାରେ ସମସ୍ତ ଅଭିଯୋଗର ତଦନ୍ତ କରାଯାଇ ସମ୍ପୃକ୍ତ କର୍ମଚାରୀ ଏବଂ ବ୍ୟକ୍ତି ବିଶେଷଙ୍କଠାରୁ ଅର୍ଥ ଆଦାୟ ପାଇଁ ଚିଠି କରାଯାଇଥିବା କହିଛନ୍ତି। ସେ ଏନେଇ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଦକ୍ଷେପ ନେବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ବୃଦ୍ଧ ମୃତ

ଜଗନ୍ନାଥପ୍ରସାଦ, ୯।୯ (ସମିସ): ଏହି ଥାନା ଅଧିନ ଚୋପରା ଗ୍ରାମ ମୁଖ୍ୟରାସ୍ତାରେ ବାଇକ ଦୁର୍ଘଟଣା ଘଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ବେଳେ ଚାଳକ ଗୁରୁତର ହୋଇଛନ୍ତି। ମୃତକ ଜଣକ ଚୋପରା ନୂଆସାହିର ଅର୍ଜୁନ ବେହେରା (୬୨)। ଅର୍ଜୁନ ଆଜି ଅପରାହ୍ନରେ ସାଇକଲ ଯୋଗେ ନିଜ ଘରୁ ବଜାରକୁ ଆସିବା ବେଳେ ଜିରାବାଡ଼ି ଗ୍ରାମର ଭୀମ ପାତ୍ରଙ୍କ ପୁଅ ସନ୍ତୋଷ ପାତ୍ର ବାଇକ୍ ଯାଉଥିବାବେଳେ ଅର୍ଜୁନଙ୍କୁ ଧକ୍କା ଦେଇଥିଲେ। ପରିବାର ଲୋକେ ଗୁରୁତର ଅର୍ଜୁନଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୟୁରିଆ ଅଭାବ; ବଢୁଛି ଚାଷୀ ଅସନ୍ତୋଷ

ରମ୍ଭା, ୯।୯ (ସମିସ): ସୁବଳୟା ସମବାୟ ସମିତି ଚାଷୀ ମାନଙ୍କ ମଧ୍ୟରେ ୟୁରିଆ ସାର ଅଭାବରୁ ଘୋର ଅସନ୍ତୋଷ ଦେଖାଦେଇଛି। ଧାନରୁଆର ଏକ ମାସ ବିତି ଯାଇଥିଲେ ମଧ୍ୟ ବିଲରେ ୟୁରିଆ ସାର ପକାଇବାକୁ ସମବାୟ ସମିତି ପକ୍ଷରୁ ପୂର୍ବବର୍ଷ ମାନଙ୍କ ଭଳି ସାର ନ ଯୋଗାଇବା ଫଳରେ ଚାଷୀମାନେ ଚଢ଼ା ଦରରେ କଳାବଜାରୀଠାରୁ କିଣିବାକୁ ବାଧ ହେଉଛନ୍ତି। ସୁବଳୟା ସେବା ସମବାୟ ସମିତିର ସଭାପତି ମହେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ବିଜୟ କୁମାର ବିଶ୍ୱାଳ, କହେଁଇ ନାୟକ, ନାଏବ ସରପଞ୍ଚ ରାକେଶ ସାହୁ, ରମେଶ ଚନ୍ଦ୍ର ବେହେରା, ରବୀନ୍ଦ୍ର କୁମାର ସାହୁ, ଆଦିକନ୍ଦ ବେହେରା ସମେତ ୩୦ରୁ ଊର୍ଦ୍ଧ୍ୱ ଚାଷୀ ଜିଲ୍ଲାପାଳଙ୍କୁ ଭେଟିବାକୁ ଯାଇ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ଅଭିଯୋଗ ପ୍ରଦାନ କରିଥିଲେ।

## ଆଦିବାସୀଙ୍କ ଜଙ୍ଗଲ ଅଧିକାର ସମସ୍ୟା ସମାଧାନ ଦାବି

ଛତ୍ରପୁର, ୯।୯ (ସମିସ): ଖଲ୍ଲିକୋଟ ତହସିଲ ଅନ୍ତର୍ଗତ ଛକାସିଂ, ମିନାପୁର, ଫାସିଖୋଲ, ଖଜୁରୀସାହି, ନୋଲସିଂ, ମରେଇ ନୂଆଗାଁ, କୁମାର ସିଂ, ଖଣ୍ଡିଆନାଳ ଏବଂ ଦେବିଝର ଗ୍ରାମର ଜଙ୍ଗଲ ଅଧିକାର ସମ୍ପର୍କିତ ସମସ୍ୟାର ଶୀଘ୍ର ସମାଧାନ କରି ବ୍ୟକ୍ତିଗତ, ଗୋଷ୍ଠୀ ଗତ, ଗୋଷ୍ଠୀ ସମ୍ବଳ ଅଧିକାର ଯୋଗାଇ ଦେବା ଦାବିରେ ଭିଟା ମାଟି ସୁରକ୍ଷା ଅଭିଯାନ ଆଦିବାସୀ ଲୋକ ସଂଗଠନ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ରାଜୁ ଶବର, ଗଙ୍ଗା ଶବର, କୈଳାଶ ଓ ଶବରଙ୍କ ସମେତ ବହୁ ଆଦିବାସୀ ମାନେ ଉପସ୍ଥିତ ଥିଲେ।

## ଛତ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

ଛତ୍ରପୁର, ୯।୯ (ସମିସ): ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ପୂର୍ବାହ୍ନରେ ଛତ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଏହା ସହିତ ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଲୋକଙ୍କ ଅଭିଯୋଗକୁ ପ୍ରାଧାନ୍ୟ ଦେଇ ତୁରନ୍ତ ସମାଧାନ କରିବା ନିମନ୍ତେ ସେ ପରାମର୍ଶ ଦେଇଥିଲେ।

## ଶିକ୍ଷକ ପବିତ୍ର ପଟ୍ଟନାୟକଙ୍କ ପରଲୋକ



ବେଲଗୁଣ୍ଠା, ୯।୯ (ସମିସ): ହାଟପଦା ନିବାସୀ ଜଣାଶୁଣା ଶିକ୍ଷକ ପବିତ୍ର ପଟ୍ଟନାୟକ(୫୨)ଙ୍କ ପରଲୋକ ଘଟିଛି। ସୋମବାର ରାତିରେ ସେ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତୁରନ୍ତ ବେଲଗୁଣ୍ଠା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଭୋର୍ ମଙ୍ଗଳବାର ୩.୩୦ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବେଲଗୁଣ୍ଠା ବ୍ଲକ୍ ବିଜୟ ଲକ୍ଷ୍ମୀ ଶରଣପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଜାରି ରଖିଥିଲେ। ତାଙ୍କ ମୃତ୍ୟୁରେ ବେଲଗୁଣ୍ଠା ସହର ତଥା ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ପବିତ୍ର ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କ କନିଷ୍ଠ ଭ୍ରାତା। ତାଙ୍କ ମୃତ୍ୟୁରେ ସାନଖେମୁଣ୍ଡି ବିଧାୟକ ତଥା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ରମେଶ ଜେନା, ସୋରଡା ବିଧାୟକ ପ୍ରାର୍ଥୀ ହରିକୃଷ୍ଣ ରଥ, ପିସିସି ସଭ୍ୟ ଦେବୀ ବିଷୋୟୀ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ଗୌଡ଼ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ରକ୍ତହୀନତାମୁକ୍ତ ପଞ୍ଚାୟତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ପୋଲସରା, ୯।୯ (ସମିସ): ବ୍ଲକ କାର୍ଯ୍ୟାଳୟ ସମିତି ବୈଠକ ଗୃହରେ ଦୀର୍ଘସ୍ଥାୟୀ ବିକାଶ ସ୍ଥାନୀୟକରଣ ପରିପ୍ରେକ୍ଷୀରେ ରକ୍ତହୀନତା ମୁକ୍ତ ଗ୍ରାମପଞ୍ଚାୟତ ଲକ୍ଷ୍ୟରେ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଶଶୀ ଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଗ୍ରାମାଞ୍ଚଳରେ ଯେଭଳି କେହି ବି ରକ୍ତହୀନତାର ଶିକାର ନ ହୁଅନ୍ତି ସେ ଦିଗରେ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟକର୍ମୀ, ଏଏନଏମ, ଆଶା କର୍ମୀ, ଅଙ୍ଗନବାଡି, ସିଆରପି, ଏମବିକେ କର୍ମୀ ପ୍ରମୁଖ ସଚେତନତା କରିବା ସହିତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଆଇରନ ବଟିକା ସହ ଅନ୍ୟାନ୍ୟ ଔଷଧ ବଣ୍ଟନ କରି ସଚେତନ କରିବା ପାଇଁ ବିଡ଼ିଓ ମହାପାତ୍ର କହିଥିଲେ। ଜିଲ୍ଲାସ୍ତର ରୁ ଆସିଥିବା ରିସୋର୍ସପର୍ସନ ମାନେ ରକ୍ତହୀନତା ଲାଗି ଏହି ଦିନିକିଆ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ଅତିରିକ୍ତ ବିଡ଼ିଓ ସୋନମ ବେହେରାଙ୍କ ଅନ୍ୟମାନେ ଉପସ୍ଥିତ ଥିଲେ।

## 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ

# ଚାରା ବଣ୍ଟନ ରଥ ଶୁଭାରମ୍ଭ



ଛତ୍ରପୁର, ୯।୯ (ସମିସ): ବ୍ରହ୍ମପୁର ବନ ବିଭାଗ ପକ୍ଷରୁ ମଙ୍ଗଳବାର ଛତ୍ରପୁର ବ୍ଲକ ସିନ୍ଦୁରାପଲ୍ଲୀ ନଗରବନ ପରିସରରେ ଜିଲ୍ଲାସ୍ତରୀୟ ୭୬ତମ ବନମହୋତ୍ସବ-୨୦୨୫ ଉପଲକ୍ଷେ, "ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଆନୁକୁଲ୍ୟରେ ଚାରା ବଣ୍ଟନ ରଥର ଶୁଭାରମ୍ଭ ହୋଇଯାଇଛି। ପ୍ରତ୍ୟେକ ପଂଚାୟତକୁ ୫ଶହ ଲେଖାଏଁ ଚାରା ପ୍ରଦାନ କରାଯାଇଛି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ବ୍ରହ୍ମପୁର ଡିଏଫଓ ସନ୍ନି ଖୋଖରଙ୍କ ଉପସ୍ଥିତରେ ଏହା ଉଦ୍‌ଘାଟନ ହୋଇଛି। ଆସନ୍ତା ୧୭ ତାରିଖ ଦିନ ଗଞ୍ଜାମ ଜିଲ୍ଲାରେ ପ୍ରାୟ ୭ଲକ୍ଷରୁ ଅଧିକା ଚାରା ରୋପଣ କରାଯିବ ବୋଲି ଡ଼ିଏଫଓ ସୂଚନା ଦେଇଛନ୍ତି। ଛତ୍ରପୁର ବନ ବିଭାଗ ଅଧୀନରେ ପ୍ରାୟ ୧୫ ହଜାର ଚାରା ରୋପଣ କରାଯିବ। କାର୍ଯ୍ୟକ୍ରମରେ ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମ ଜିତ ସାହୁ, ଛତ୍ରପୁର ଫରେଷ୍ଟ ବାବୁ ସେଠୀଙ୍କ ସମେତ ବନ ବିଭାଗର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ଅଭିଯୋଗ ଶୁଣାଣି ପ୍ରତି କମୁଛି ଲୋକଙ୍କ ଆସ୍ଥା

**ମାତ୍ର ୫ ଅଭିଯୋଗର ଫଇସଲା**

ଶେରଗଡ଼, ୯।୯ (ସମିସ)




ଗ୍ରାମାଞ୍ଚଳରେ ଥିବା ସାଧାରଣ ଲୋକଙ୍କୁ ସରକାରୀ ସେବା ଯୋଗାଇବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି ପ୍ରତି ଏବେ ଲୋକ ବିମୁଖ ହେଉଥିବା ଦେଖାଦେଇଛି। କିଛି ଶିବିରରେ ବରିଷ୍ଠ ଅଧିକାରୀ ଅନୁପସ୍ଥିତ ରହୁଛନ୍ତି ତ ଆଉ କେଉଁଠି ଅଭିଯୋଗକାରୀଙ୍କ ସମସ୍ୟା ସମାଧାନ ହେଉନଥିବାରୁ ଲୋକେ ଆସୁନାହାନ୍ତି। ଶେରଗଡ ବ୍ଲକଠାରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀରୁ ସ୍ପଷ୍ଟ ହୋଇଛି। ସୋମବାର ସକାଳେ ଶେରଗଡ଼ ବ୍ଲକ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି ଓ ମହା ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୩୭୧ଜଣ ଅଭିଯୋଗକାରୀଙ୍କ ନାମ ପଞ୍ଜିକୃତ କରାଯାଇଥିଲା। ସେଥିମଧ୍ୟରୁ ୩୨୮ଟି ବ୍ୟକ୍ତିଗତ ଓ ୪୩ଟି ଗୋଷ୍ଠୀଗତ ମାମଲା ଥିଲା। ୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇ ରେଡକ୍ରସ ପାଣ୍ଠିରୁ ୪୫ ହଜାର ପ୍ରଦାନ କରାଯାଇଥିଲା।

ପ୍ରକାଶ ଥାଉକି, ୨୦୨୩ରେ ଶେରଗଡ ପଞ୍ଚାୟତ ନାରାୟଣପୁର ଗ୍ରାମର ଆଖୁଚାଷୀ ତ୍ରିନାଥ ଗୌଡ ତାଙ୍କ ଜମି ଉପରେ ୧୧କେଭି ବିଦ୍ୟୁତ୍ ତାର ଛିଣ୍ଡି ୫ ଏକର ଫସଲ ଜଳି ଯାଇଥିବା ଅଭିଯୋଗ କରିଥିଲେ। ୨ ବର୍ଷ ପରେ ବି କ୍ଷତିପୂରଣ ମିଳିନାହିଁ। ଅଫିସକୁ ଦୌଡ଼ି ଦୌଡ଼ି ଖର୍ଚ୍ଚାନ୍ତ ହେଲେଣି। ଏଠି କଥା ଉଠୁଛି ସରକାର ଯେଉଁ ମହତ ଉଦ୍ଦେଶ୍ୟ ରଖି ଏହି କାର୍ଯ୍ୟ ଆରମ୍ଭ କରିଥିଲେ ତାହା ଆଜି ପ୍ରହସନ ପାଲଟିଛି ବୋଲି ଚାଷୀ ତ୍ରିନାଥ ଗୌଡ଼ କ୍ଷୋଭ ସହ ପ୍ରକାଶ କରିଛନ୍ତି। ଏହି ଅଭିଯୋଗ ଶୁଣାଣି ଶିବିରରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ଦାସ, ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ପ୍ରୋବେସନର ଆଇଏଏସ, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ସ୍ଥାନୀୟ ତହସିଲଦାର ତ୍ରିଦେବ ରଥ, ବିଡ଼ିଓ ତୃପ୍ତିମୟୀ ଜେନା, ଥାନାଧିକାରୀ ବରେନ୍ଦ୍ର ସିଅଲଙ୍କ ସହିତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ‘ଏକ ପେଡ୍ ମା କେ ନାମ୍’ ସଚେତନତା ରଥ ଶୁଭାରମ୍ଭ



ଫିରିଙ୍ଗିଆ, ୯।୯ (ସମିସ): ଫିରିଙ୍ଗିଆ ବନାଞ୍ଚଳ ତେଲିମୁଣ୍ଡା ନର୍ସରୀରେ ଏକ ପେଡ୍ ମା’କେ ନାମ୍ ନିମନ୍ତେ ଏକ ସଚେତନତା ରଥକୁ ରାଜ୍ୟ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅଭିଯାନରେ କନ୍ଧମାଳ ଜିଲ୍ଲାରେ ଆସନ୍ତା ୧୭ ତାରିଖ ଫୁଲବାଣୀ, ଜି.ଉଦୟଗିରି ଓ ବାଲିଗୁଡା ଫରେଷ୍ଟ ଡିଭିଜନ ସହଯୋଗିତାରେ ଗୋଟିଏ ଦିନରେ ୩.୫ ଲକ୍ଷରୁ ଅଧିକ ଚାରାରୋପଣ କରାଯିବ। ଏ ସମ୍ପର୍କରେ ଏହି ରଥ ସଚେତନ ସହ ଚାରାବଣ୍ଟନ କରିବ। କାର୍ଯ୍ୟକ୍ରମରେ ମୁଖ୍ୟ ବନ ସଂରକ୍ଷକ ପି.ନୀଳାମ୍ବରମ, ଫୁଲବାଣୀ ଡ଼ିଏଫଓ ପ୍ରତାପ କଟପଲି, ଏସିଏଫ ଶ୍ୱେତଲିନା ସାହୁ, ଫିରିଙ୍ଗିଆ ରେଞ୍ଜର ପ୍ରଦୋଷ କୁମାର ମହାରଣା, ନୂଆପଦର ଫରେଷ୍ଟର ବ୍ରଜ ସୁନ୍ଦର ଦାସ, ଫିରିଙ୍ଗିଆ ଫରେଷ୍ଟର ଦିଲୀପ କୁମାର ବିଶୋଇ, ବନରକ୍ଷୀ ସଂଗ୍ରାମ କେଶରୀ ଦିଗାଳ, ସୁଜିତ କୁମାର ପ୍ରଧାନ, ମୁକେଶ କୁମାର ପ୍ରଧାନଙ୍କ ସହ ପାରା ଗାର୍ଡ ଜୁଲି ଦିଗାଳ ଫିରିଙ୍ଗିଆ ବନାଞ୍ଚଳ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ୩୨୦ କେଜି ଗଞ୍ଜେଇ ଜବତ; ୭ ଗିରଫ

ଫିରିଙ୍ଗିଆ, ୯।୯ (ସମିସ): ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ପୁଲିସ ଗୋଟିଏ ଦିନରେ ତିନୋଟି ବାଇକ୍ ସହ ୩ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରି ୭ ଜଣ ମାଫିଆଙ୍କୁ ଗିରଫ କରିଛି। ଗୋଛାପଡ଼ା ଥାନାରେ ଏହି ଘଟଣାକୁ ନେଇ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି। ସୂଚନା ଅନୁସାରେ, ଗୋଛାପଡା ଥାନା କୁମ୍ଭାରଖୋଲ ଅଞ୍ଚଳରୁ କିଛି ଗଞ୍ଜେଇ ମାଫିଆ ବୌଦ୍ଧ ଜିଲ୍ଲାକୁ ଗଞ୍ଜେଇ ଚାଲାଣ କରୁଥିବା ସୂଚନା ପାଇ ଥାନା ଅଧିକାରୀ ଚିରଞ୍ଜୀବ ବେହେରାଙ୍କ ସହ ଏକ ଟିମ ଗୋଛାପଡା ଥାନା କାତ୍ରାମାଲା ନିକଟରେ ଛପି ରହିଥିଲେ। ପ୍ରଥମେ ଦୁଇଟି ବାଇକ ସହ ଦୁଇଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଧରିବାରେ ସଫଳ ହେବା ସହ ସେମାନଙ୍କ ପାଖରୁ ୧୨୦ କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତ ଦୁଇଜଣ ଗୋଛାପଡା ଥାନା ବାଲନ୍ଦାପଡ଼ା ପଞ୍ଚାୟତ ବାଘଡଙ୍ଗୁରିଗାଁର ଗଣେଶ ନାଏକ ଓ ପରମା ନାଏକ। ପରେ ସେହି କାତ୍ରାମାଲା ଗାଁ ନିକଟରୁ ପୁଲିସ ୫ ଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରି ସେମାନଙ୍କ ପାଖରୁ ୨୦୮ କିଲୋ ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଏରେଡା ଗାଁର ବିଜୁ ବେହେରା, ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଉସ୍ମେଲିକା ଗାଁର ବିବେକାନନ୍ଦ ତଣ୍ଡାଇ, ଗୋଛାପଡା ଥାନା ପିଡିଆପାଙ୍ଗା ଗାଁର ଗୁପନ ଭୋଇ ଓ ଭିକାରୀ ଚରଣ ସାହୁ ଓ ଅନ୍ୟଜଣେ ଗୋଛାପଡ଼ା ଥାନା କୁମ୍ଭାରଖୋଲ ଗାଁର ମଗର କହଁର।

## ଘରୋଇ ବସ୍‌ରେ ପୁଲିସର ଚଢ଼ଉ

# ୪୨ କିଲୋ ଗଞ୍ଜେଇ ଜବତ; ୪ ମହିଳା ଗିରଫ

ଫିରିଙ୍ଗିଆ, ୯।୯ (ସମିସ): ଫିରିଙ୍ଗିଆ ପୁଲିସ ଏକ ଘରୋଇ ବସ୍ ଉପରେ ଚଢ଼ଉ କରି ୪୨ କିଲୋ ଗଞ୍ଜେଇକୁ ଜବତ କରିବା ସହ ୪ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଫିରିଙ୍ଗିଆ ଥାନା ସାଡିଙ୍ଗିଆ ପଞ୍ଚାୟତ କଟାପାଙ୍ଗା ଭାୟା କେଳାପଡ଼ା ଦେଇ ଫୁଲବାଣୀ ଯାଉଥିବା ମହାଲକ୍ଷ୍ମୀ ନାମକ ଏକ ଘରୋଇ ବସ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ମିଳିଥିଲା। ଫୁଲବାଣୀ ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଫୁଲବାଣୀ-ବାଲିଗୁଡା ମୁଖ୍ୟରାସ୍ତାର ମୁଣ୍ଡାସାହି ନିକଟରେ ବସ୍‌କୁ ଅଟକାଇ ଯାଞ୍ଚ ବେଳେ ୪୨ କିଲୋ ଗଞ୍ଜେଇ ମିଳିଥିଲା। ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଛି।





## ଗଞ୍ଜେଇ ସହ ଦେଶୀ ବନ୍ଧୁକ ଜବତ; ୨ ଗିରଫ

ଟିକାବାଲି, ୯।୯ (ସମିସ): ଟିକାବାଲି ପୁଲିସ ୪୦ କିଲୋ ଗଞ୍ଜେଇ, ଏକ ଦେଶୀ ବନ୍ଧୁକ ଜବତ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟିକାବାଲି ଥାନା ଅନ୍ତର୍ଗତ କଟିମାହା ପଞ୍ଚାୟତର କୁଟ୍ରିଖୋଲ ଗ୍ରାମର ଦିଲୀପ କହଁର (୩୦) ଏବଂ ସୁନୀଲ କହଁର (୨୮)। ଏସଆଇ ଅବନୀ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ଚଢ଼ଉ କରି ଉଭୟଙ୍କଠାରୁ ୪୦କିଲୋ ଗଞ୍ଜେଇ ଏବଂ ଏକ ଦେଶୀ ବନ୍ଧୁକ ଜବତ କରିଥିଲେ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଜ୍ଞାନ ରିତାମ୍ବରୀ କର ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଟିକାବାଲି, ୯।୯ (ସମିସ): ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ତଥା କ୍ରୀଡ଼ା ସଭାପତି ବିନୋଦ ଦିଗାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ବ୍ଲକସ୍ତରୀୟ କ୍ରୀଡ଼ା ସଂଯୋଜକ ତଥା କ୍ରୀଡ଼ା ଶିକ୍ଷକ ସୁଧାଂଶୁ ବେହେରା ସହଯୋଗ କରିଥିଲେ। ଉଦଘାଟନ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କହଁର ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ଟିକାବାଲି ସରପଞ୍ଚ କୁନ୍ଦୁରି ମାଲିକ, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ନାୟକ ଯୋଗ ଦେଇଥିଲେ। ଉଦଯାପନ ଉତ୍ସବରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାମରାଜ କହଁର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ ଯୋଗ ଦେଇଥିଲେ। ଅନ୍ୟ ମଞ୍ଚାସୀନ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କୁମାର ମଲିକ, ବିଜେପି ଅନୁସୂଚିତ ଜାତି ଉପସଭାପତି ରାମବିଶି ଦିଗଲ ଯୋଗ ଦେଇଥିଲେ। ବ୍ଲକ କ୍ରୀଡ଼ା ସଂଯୋଜକ ସୁଧାଂଶୁ ବେହେରା ପରିଚାଳନା କରିଥିଲେ। ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତିତ୍ୱ ହାସଲ କରିଥିବା ଖେଳାଳୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

## ନୋଡାଲ ସେକ୍ରେଟାରୀ ଡ଼.ଏନ ତିରୁମାଲା ନାଏକଙ୍କ ଗଜପତି ଗସ୍ତ

ପାରଳାଖେମୁଣ୍ଡି, ୯।୯ (ସମିସ): ଗଜପତି ଜିଲ୍ଲା ନୋଡାଲ ସେକ୍ରେଟାରୀ ଦାୟିତ୍ୱରେ ଥିବା ଭୁବନେଶ୍ୱର ବିଡିଏ ଉପକମିଶନର ଡ଼.ଏନ. ତିରୁମାଲା ନାଏକ ଦୁଇ ଦିନିଆ ଗଜପତି ଜିଲ୍ଲା ଗସ୍ତରେ ଆସିଛନ୍ତି। ସେ ଆଜି ଆର.ଉଦୟଗିରି ବ୍ଲକର ଇନ୍‌ଡୋର୍ ଷ୍ଟାଡିୟମ୍ ବୁଲି ଦେଖିବା ସହ ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀଙ୍କୁ ଚାବି କାଠି ପ୍ରଦାନ କରିଥିଲେ। ସେହିପରି ନୂଆଗଡ ବ୍ଲକ୍ ଖଜୁରୀପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ଜୟ ମା ମଙ୍ଗଳା ମିଶନ ଶକ୍ତି ସିଲେଇ କେନ୍ଦ୍ର ପରିଦର୍ଶନ କରି କର୍ଯ୍ୟକରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କ ସହିତ ଆଲୋଚନା କରିଥିଲେ। ସ୍ଥାନୀୟ ସରକାରୀ (ଏସଏସଡି) ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଉତ୍ତମ ଶିକ୍ଷାଦାନ ଓ ଭଲ ପାଠପଢ଼ା ପରିବେଶ ସୃଷ୍ଟି କରିବାପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଡ଼ମ୍ବାପୁରର ଅଙ୍ଗନବାଡି ଗୃହ ନିର୍ମାଣ ବୁଲି ଦେଖିଥିଲେ ଓ ସ୍ଥାନୀୟ ସୁଭଦ୍ରା ହିତାଧିକାରୀଙ୍କ ସହିତ ଆଲେଚନା କରିଥିଲେ। ଶ୍ରୀ ନାଏକଙ୍କ ଗସ୍ତ ସମୟରେ ଗଜପତି ଜିଲ୍ଲାପାଳ ମଧୁମିତା, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ମଙ୍ଗଳ ଅଧିକାରୀ ସଲମନ ରାଇକା, ଜିଲ୍ଲା ପ୍ରକଳ୍ପ ପରିଚାଳକ ଓଡ଼ିଶା ଜୀବିକା ମିଶନର ଟିମନ ବରା, ଜିଲ୍ଲା ସାଧାରଣ ପରିଚାଳକ ସୁନାରାମ୍ ସିଂଙ୍କ ସମେତ ରା.ଉଦୟଗିରି, ନୂଆଗଡ ଓ ରାୟଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଚାନ୍ଦା ଓ ଶ୍ରମଦାନ କରି ରାସ୍ତା ନିର୍ମାଣ କଲେ ଅଞ୍ଚଳବାସୀ



ଫିରିଙ୍ଗିଆ, ୯।୯ (ସମିସ): ଫିରିଙ୍ଗିଆ ବ୍ଲକ ଉପାନ୍ତ ଅଞ୍ଚଳର ଲୁଇସିଂ ପଞ୍ଚାୟତର ଭାଟୁଲ ଗ୍ରାମ ଠାରୁ ଡାଙ୍ଗାଣାମ ୨ କିମି ଖାଲଖମା ଓ ଜଙ୍ଗଲିଆ ରାସ୍ତା ଏବେ ଅଞ୍ଚଳବାସୀଙ୍କ ପାଇଁ ଦୁଃଖର କାରଣ ସାଜିଛି। ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟକୁ ଯିବା ପାଇଁ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏହା ସବୁଦିନିଆ ରାସ୍ତା ହୋଇଥିବାରୁ ଯାତାୟାତ ନିମନ୍ତେ ସମସ୍ୟା ହେଉଥିବା ବେଳେ ବର୍ଷା ଦିନେ ଗର୍ଭବତୀ ମହିଳା, ଗୁରୁତର ରୋଗୀଙ୍କୁ ଖଟିଆ କିମ୍ବା ଦୋଳାରେ ଚିକିତ୍ସା ପାଇଁ ନେବାକୁ ପଡୁଛି। ଅଞ୍ଚଳରେ ମାନ ପଦର, ଶାଗତୋହଲା, କଟଡିସିଲ, ଟୁକୁପଦର, ପିଲାପଦର, ଭାତପୁରୀ, ଲାକାସିର୍ପି, ତଳଡାଙ୍ଗାଣାମ ଓ ବୁଗେରମାସ୍କା ଭଳି ଅନେକ ଗାଁ ରହିଛି। ଏହିସବୁ ଗ୍ରାମର ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ। ଏହି ଅଞ୍ଚଳ ବଣ ପାହାଡ଼ ଘଞ୍ଚ ଜଙ୍ଗଲ ଭିତରେ ରହିଛି। ଏକ ବଡ଼ ନଦୀ ମଧ୍ୟ ରହିଛି। ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନ ହେଲା ଦାବି ପରେ ୨୦୨୨ରେ ପ୍ରଶାସନ ତରଫରୁ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। କିନ୍ତୁ ଠିକାଦାର ଅଳ୍ପ କିଛି ରାସ୍ତା ନିର୍ମାଣ କରି କାମ ଛାଡି ଦେଇଥିଲେ। ବର୍ତ୍ତମାନ ବାଧ୍ୟ ହୋଇ ଅଞ୍ଚଳବାସୀ ବୈଠକ କରିବା ସହ ଚାନ୍ଦା ଆଦାୟ କରି ପଥର, ମେଟାଲ ଓ ମୋରମ ସଂଗ୍ରହ କରି ରାସ୍ତା ମରାମତି କରୁଛନ୍ତି। ପ୍ରଶାସନ ଅଞ୍ଚଳବାସୀଙ୍କ ପରିସ୍ଥିତି ଓ ଯାତାୟତ ସମସ୍ୟାକୁ ଗୁରତ୍ୱ ଦେଇ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ବିବେକ କହଁର, ଯୋଗେଶ୍ୱର କହଁର, ରାମଚନ୍ଦ୍ର ମଲିକ ଓ କୃଷ୍ଣ ଚନ୍ଦ୍ର କହଁରଙ୍କ ସହ ଅନ୍ୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ● ଗୋଷାଣି ବିଡ଼ିଓଙ୍କ ଅଭିନବ ପ୍ରୟାସ | ଟେବୁଲ ଉପରେ ଗଛ ରଖିବାକୁ କର୍ମଚାରୀଙ୍କୁ ପରାମର୍ଶ



ଗୋଷାଣି, ୯।୯ (ସମିସ): ସାରା ଦେଶରେ ଏକାଥରକେ ଆସନ୍ତା ୧୭ ତାରିଖରେ ଚାରାରୋପଣ କରାଯିବ। ଚାରାରୋପଣ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ଉଦ୍ଦେଶ୍ୟରେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ସେ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀଙ୍କୁ "ଏକ ପେଡ୍ ମା କେ ନାମ୍'ର ମହତ୍ତ୍ୱକୁ ଉପଲବ୍ଧି କରି ନିଜ ନିଜ ଟେବୁଲ୍ ଉପରେ ଗୋଟିଏ ଗୋଟିଏ ଗଛ ବା ଚାରା ରଖିବାକୁ ପରାମର୍ଶ ଦେଇଛନ୍ତି। ବିଡିଓଙ୍କ ଏପରି ପ୍ରୟାସକୁ ସମସ୍ତେ ପ୍ରଶଂସା କରୁଛନ୍ତି। ସେହିପରି ବ୍ଲକ କାର୍ଯ୍ୟାଳୟ ପରିସରରେ ‘ଏକ ପେଡ୍ ମାଆ କେ ନାମ୍’ ସେଲ୍ଫି ପଏଣ୍ଟ ମଧ୍ୟ ରଖିଛନ୍ତି। ବିଡିଓ ଶ୍ରୀ ପଟ୍ଟନାୟକ କହିଛନ୍ତି ବ୍ଲକର ୨୧ ପଞ୍ଚାୟତକୁ ୫୦୦ ଲେଖାଏଁ ଚାରା ପହଞ୍ଚିଗଲାଣି। ନିର୍ଦ୍ଧାରିତ ଦିନ ଗଣ ଚାରାରୋପଣ କରାଯିବ। ଏଥିପାଇଁ ସବୁ ଏସଏଚଜି ମହିଳା ମାନେ ପ୍ରସ୍ତୁତ ଥିବାବେଳେ ସେହିଦିନ ସମସ୍ତ ନିର୍ବାଚତ ଜନପ୍ରତିନିଧି, ସ୍ଥାନୀୟ ବ୍ୟକ୍ତିବିଶେଷ ଚାରାରୋପଣ କରିବେ।

## ନିଖିଳ ଓଡିଶା ବିଦ୍ୟୁତ ମଜଦୂର ମହାସଂଘର ଦାବିପତ୍ର




ପାରଳାଖେମୁଣ୍ଡି, ୯।୯ (ସମିସ): ଅଖିଳ ଭାରତୀୟ ବିଦ୍ୟୁତ ମଜଦୂର ମହାସଂଘ ନିଷ୍ପତ୍ତିକ୍ରମେ ନିଖିଳ ଓଡିଶା ବିଦ୍ୟୁତ ମଜଦୂର ମହାସଂଘ ଗଜପତି ଶାଖା ପକ୍ଷରୁ ୪ଦଫା ଦାବି ସମ୍ବଳିତ ଦାବିପତ୍ର ଗଜପତି ଜିଲ୍ଲା ପ୍ରଶାସନ ଜରିଆରେ କେନ୍ଦ୍ର ଶକ୍ତିମନ୍ତ୍ରୀ, ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଏନପିଏସ, ୟୁପିଏସ ବଦଳରେ ପୁରୁଣା ପେନସନ ପୁନଃ ଲାଗୁ କରିବା, ଏକ ଦେଶ, ଏକ ଗ୍ରୀଡ଼, ଏକକ ଚାକିରୀ ସର୍ଭାବଳୀ ଲାଗୁକରିବା, ତ୍ରୟୀ-ପାକ୍ଷିକ ଶିଳ୍ପ ସମିତି ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବିତ୍ତରଣ କ୍ଷେତ୍ରରେ ସୃଷ୍ଟି କରିବା ଓ ଯେଉଁ ରାଜ୍ୟ ମାନଙ୍କରେ ଅଛି ତାହାକୁ କାର୍ଯ୍ୟକ୍ଷମ କରିବା, ବିଦ୍ୟୁତ କ୍ଷେତ୍ରରେ ଘରୋଇକରଣକୁ ପୁନଃ ସମୀକ୍ଷା କରି ଘରୋଇକରଣକୁ ବନ୍ଦ କରିବା, ବିଦ୍ୟୁତ କ୍ଷେତ୍ରରେ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ସହିତ ସମାନ କାର୍ଯ୍ୟ ପାଇଁ ସମାନ ଦରମା ଲାଗୁ କରିବା, ବିଦ୍ୟୁତ ନିୟମ ୨୦୦୩ ଓ ବିଦ୍ୟୁତ ବିଲ ୨୦୨୩କୁ ସମୀକ୍ଷା କରି ଘରୋଇକରଣ ବଦଳରେ ସରକାରୀ ବିଦ୍ୟୁତ ସଂସ୍ଥା ମାଧ୍ୟମରେ ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବିତରଣ ପାଇଁ ବ୍ୟବସ୍ଥା କରିବା, ଓଡିଶାରେ କେନ୍ଦ୍ରୀୟ ଦରମା ସଂହିତା-୨୦୧୯ ଲାଗୁ କରିବା, ହରିଆଣା ରାଜ୍ୟରେ ପ୍ରଚଳିତ ଠିକାନିଯୁକ୍ତି ନୀତି ପରି ସମାନ ନୀତି ଓଡିଶାରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ କ୍ଷେତ୍ରରେ ପ୍ରଣୟନ କରିବା ପାଇଁ ବ୍ୟବସ୍ଥା କରିବା, ବିଦ୍ୟୁତ କ୍ଷେତ୍ରରେ ଅନ୍ତଃବଳୟ ବଦଳି ନୀତି ପ୍ରଣୟନ କରି କର୍ମଚାରୀଙ୍କୁ ନିଜ ଘର ପାଖାପାଖି ସ୍ଥାନକୁ ବଦଳି କରିବା ଆଦି ଉଲ୍ଲେୟଖ ରହିଛି।

## ଶ୍ରୀଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ର ନୃତ୍ୟଶିଳ୍ପୀଙ୍କ ଦୁବାଇ ଯାତ୍ରା

ପାରଳାଖେମୁଣ୍ଡି, ୯।୯ (ସମିସ): ଗଜପତି ଜିଲ୍ଲାର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ରର ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ ନିମନ୍ତେ ଦୁବାଇ ଯାତ୍ରା କରିଛନ୍ତି। କଳା ଓ ସଂସ୍କୃତି ନଗରୀ ପାରଳାଖେମୁଣ୍ଡିରେ ଦୀର୍ଘ ୧୫ବର୍ଷ ଧରି ଏହି ନୃତ୍ୟାନୁଷ୍ଠାନର ନୃତ୍ୟ ନିର୍ଦ୍ଦେଶିକା ଡି. ପ୍ରିୟଙ୍କାଙ୍କ ତତ୍ତ୍ୱାବଧାନରେ ଶ୍ରୀ ଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ର ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ମୌଳିକତାକୁ ବଜାୟ ରଖିବାର ପ୍ରୟାସ ଅଦ୍ୟାବଧି ଜାରି ରଖିଛି। ଏହି ପ୍ରୟାସରେ ଚଳିତ ସେପ୍ଟେମ୍ବର ୧୦ରୁ ୧୫ ପର୍ଯ୍ୟନ୍ତ ୬ ଦିନ ପାଇଁ ନୃତ୍ୟ ନିର୍ଦ୍ଦେଶିକା ତଥା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟର ସଂସ୍କୃତ ଅଧାପିକା ଡ଼ି.ପ୍ରିୟଙ୍କା ପଞ୍ଚମ ଥର ପାଇଁ ବିଦେଶ ଗସ୍ତ କରିଛନ୍ତି। ଗୁରୁ ଶିଷ୍ୟର ସୁଦୃଢ଼ ପରମ୍ପରାରେ ୫ ଜଣ ଶିଷ୍ୟା ଅନ୍ୱେଷା ରଥ, ବିଷ୍ଣୁପ୍ରିୟା ମଣ୍ଡଳ, ଅନୌଷ୍କା ଅନହିତା ସାହୁ, ତନୀଷା ବେବର୍ତ୍ତା, ଲିସାରାଣୀ ପାଢ଼ୀ ସାଥିରେ ଦୁବାଇ ଯାଇଛନ୍ତି। ସେଠାରେ ହିନ୍ଦୁସ୍ଥାନ ଆର୍ଟ ଆଣ୍ଡ ମ୍ୟୁଜିକ ସୋସାଇଟି ପକ୍ଷରୁ ଆୟୋଜିତ ହେବାକୁ ଥିବା ଭାରତ ସଂସ୍କୃତି ଯାତ୍ରାରେ ଯୋଗଦେଇ ବିଭିନ୍ନ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବେ। ଅନୁଷ୍ଠାନ ଉପଦେଷ୍ଟା ଆଦର୍ଶ ଦାସ, ସଦସ୍ୟ ବାଳକୃଷ୍ଣ ପାଣିଗ୍ରାହୀ, ରାଜେନ୍ଦ୍ର ରଥ, ସ୍ନିଗ୍ଧା ମିଶ୍ର, ବିଚିତ୍ରା ନନ୍ଦ ବେବର୍ତ୍ତା ଓ କଲ୍ୟାଣୀ ମିଶ୍ର କଳାକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାକୁ ୬ ମନୋନୀତ

ପାରଳାଖେମୁଣ୍ଡି, ୯।୯ (ସମିସ): ସଦରମହକୁମା ପାରଳାଖେମୁଣ୍ଡିରୁ ୬ଜଣ ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଗତ ୭ତାରିଖରେ ସ୍ଥାନୀୟ ଆରଏମ୍‌ସିରେ ସ୍କୁଲ ଗେମ୍ ଫେଡେରେସନ୍ ଅଫ ଇଣ୍ଡିଆ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୧୭ବର୍ଷରୁ କମ୍ ବର୍ଗରେ ଏସ୍‌କେସିଜିର ଛାତ୍ରୀ ବର୍ଷିତା ଦାସ, ସରକାରୀ ପଲିଟେ୍ନିକ ସ୍କୁଲର ଛାତ୍ର ନେତାଜୀ ପାତ୍ର ମନୋନିତ ହୋଇଥିବା ବେଳେ ୧୪ ବର୍ଷରୁ କମ୍ ବର୍ଗରେ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ଛାତ୍ର କେ.ସ୍ମରଣ ତେଜ ଓ ଏନ୍.ହେମନ୍ତ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୁଶାନ୍ତ ବେହେରା ଓ ସାଇ ସିଦ୍ଧାର୍ଥ ରାଇକା ମନୋନୀତ ହୋଇଛନ୍ତି। ସେମାନେ ଆସନ୍ତା ୧୧ ଓ ୧୨ ତାରିଖରେ କେନ୍ଦୁଝର ଜିଲ୍ଲାର ବଡବିଲରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲ୍ଲା ଟାଏକ୍ୱୋଣ୍ଡୋ ଏକାଡେମୀର ସମ୍ପାଦକ କାର୍ତ୍ତିକଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

## କଂଗ୍ରେସର ସଂଗଠନ ସୃଜନ ଅଭିଯାନ

ପାରଳାଖେମୁଣ୍ଡି, ୯।୯ (ସମିସ): ଚଳିତ ମାସ ୫ ତାରିଖ ଠାରୁ ଗଜପତି ଜିଲ୍ଲାରେ କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ଆର୍.ଉଦୟଗିରି ବ୍ଲକରେ ଅଖିଳ ଭାରତ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ଏନ. ରଘୁବୀର ରେଡୀ ଯୋଗ ଦେଇ ଗଜପତି ଜିଲ୍ଲାରେ କଂଗ୍ରେସ ଦଳ କିଭଳି ସୁଦୃଢ଼ ହେବ ସେନେଇ ଆଲୋଚନା କରିଥିଲେ। ବୈଠକରେ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ବରିଷ୍ଠ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର କୃଷ୍ଣଚନ୍ଦ୍ର ପତି ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗ ସଂଗଠନକୁ ସଜାଡ଼ିବା ଏବଂ ସମସ୍ତେ ଏକ ହୋଇ କାମ କରିବା ଉପରେ ବକ୍ତବ୍ୟ ରଖିଥିଲେ। ବ୍ଲକର କଂଗ୍ରେସ କର୍ମୀଙ୍କ ମତାମତ ନିଆଯାଇଥିଲା। ପ୍ରଦେଶ ମହିଳା କଂଗ୍ରେସ କମିଟିର ନାରୀ ନେତ୍ରୀ ନିରୁପମା ପାତ୍ର ଧନ୍ୟବାଦ ଦେଇଥିଲେ।

## ବ୍ଲକସ୍ତରୀୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

ଚକାପାଦ, ୯।୯ (ସମିସ): ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ଲାଇନପଡ଼ାର ପିଏମ ଶ୍ରୀ ସରକାରୀ ବରଡ଼ା ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଛି। ଚାରୋଟି ଜୋନ ଲାଇନପଡ଼ା, ଶଙ୍କରାଖୋଲ, ପସରା ଓ ଘୁଡୁକାପଦରର ୨୩୫ ଛାତ୍ରଛାତ୍ରୀ ୧୧ଟି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ପୂର୍ବରୁ ସ୍ଥାନୀୟ ଶୈବପୀଠ ବରଡ଼ା ବାଲୁଙ୍କେଶ୍ୱର ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ହୋଇଥିଲା। ମୁଖ୍ୟଅତିଥି ଭାବେ ପଞ୍ଚଶିକ୍ଷା ସେତୁର ସଭାପତି ରାଜେନ୍ଦ୍ର ନାରାୟଣ ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ସାହାଣୀ, ସହକାରୀ ଶିକ୍ଷକ ବିକ୍ରମ ବିହାରୀ ବେହେରା, ଖେଳ ଶିକ୍ଷକ ଶ୍ୟାମ ସୁନ୍ଦରଙ୍କ ସହ ସିଏସଆଇ ଫୁଲବାଣୀ ଗୀତାଞ୍ଜଳି ପ୍ରଧାନ, ବ୍ଲକ ସମ୍ପାଦକ ଦିବାକର ବେହେରା ଏବଂ ଅନ୍ୟାନ୍ୟ ବିଦ୍ୟାଳୟର ଖେଳଶିକ୍ଷକ ଯୋଗ ଦେଇଥିଲେ। ଖେଳ ପରିଚାଳନା କରିଥିଲେ ଖେଳ ଶିକ୍ଷକ ସୁଶୀଲ କୁମାର କଂହର।

## ହବାକ୍ ହାଇସ୍କୁଲରେ କ୍ରୀଡ଼ା ପ୍ରତିଯୋଗିତା

ଜି.ଉଦୟଗିରି, ୯।୯ (ସମିସ): ପିଏମ୍‌ଶ୍ରୀ ହାବକ ହାଇସ୍କୁଲ ଖେଳପଡିଆରେ ଦୁଇଦିନିଆ ବ୍ଲକସ୍ତରୀୟକ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜି.ଉଦୟଗିରି ଗୋଷ୍ଠୀ ବିଦ୍ୟାଳୟ କ୍ରୀଡ଼ା ସଙ୍ଘ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ହାବକ ହାଇସ୍କୁଲ ପ୍ରଧାନଶିକ୍ଷକ ରଂଜିତ ପାଟମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିବା ବେଳେ ଏବିଇଓ ମିହିର କାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୪ଟି ଜୋନରୁ ଦୁଇଶହ ପଚାଶରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ କବାଡି, ଖୋଖୋ, ଫୁଟବଲ, ଭଲିବଲ, ଆଥଲେଟ, ଯୋଗ, କ୍ରିକେଟ, ବ୍ୟାଡ଼ମିଣ୍ଟନ ଆଦି ପ୍ରତିଯୋଗିତା ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଥିବା ବେଳେ ଏହା ଚଳିତ ମାସ ୧୧ ଏବଂ ୧୨ ତାରିଖରେ ଫୁଲବାଣୀରେ ଅନୁଷ୍ଠିତ ହେବ। ଖେଳକୁ ଚାରୋଟି ଜୋନର ଖେଳଶିକ୍ଷକ ପରିଚାଳନା କରିଥିଲେ।

## କାରରେ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣା

# ଅଭିଯୁକ୍ତକୁ କୋର୍ଟ ଚାଲାଣ

### ଏସଡ଼ିପିଓଙ୍କ ପ୍ରେସ୍‌ମିଟ୍

ଦାରିଙ୍ଗବାଡି, ୯।୯ (ସମିସ): ଦାରିଙ୍ଗବାଡି ଥାନା ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ନାବାଳିକାକୁ ଉଠାଇନେଇ କାର୍‌ରେ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ପୁଲିସ ଦାରିଙ୍ଗବାଡିରୁ ଗିରଫ କରିଛି। ଗିରଫ ଯୁବକ ଜଣକ ଉକ୍ତ ଥାନା ବୁର୍ଜୁବାଡି ଅଞ୍ଚଳର ପ୍ରଶାନ୍ତ ପ୍ରଧାନ(୨୭) ବୋଲି ବାଲିଗୁଡା ଏସଡିପିଓ ରମେନ୍ଦ୍ର ପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କାର୍‌କୁ ମଧ୍ୟ ପୁଲିସ ଜବତ କରିଛି। ଜବତ କାର୍ ଭିତରୁ ସାଇଣ୍ଟିଫିକ ଟିମ ନମୁନା ସଂଗ୍ରହ କରିଛି। ଘଟଣା ସମ୍ପର୍କରେ ଏସଡିପିଓ କହିଛନ୍ତି ଯେ, ଉକ୍ତ ଥାନା ଅଞ୍ଚଳରେ ୫ ତାରିଖ ଶୁକ୍ରବାର ସନ୍ଧ୍ୟାରେ ନାବାଳିକା ଜଣକ ତାଙ୍କ ବଡ଼ ଭଉଣୀଙ୍କ ଘରୁ ବାହାରି ଗଣେଶ ବିସର୍ଜନ ଶୋଭାଯାତ୍ରା ଦେଖିବାକୁ ଯାଇଥିଲେ। ଫେରିବା ବାଟରେ ଜଣେ ସମ୍ପର୍କୀୟଙ୍କ ଘରେ ରଖିଥିବା ଜ୍ୟାକେଟ୍ ଧରି ଫେରୁଥିବାବେଳେ ପ୍ରଶାନ୍ତ ତାଙ୍କୁ କାର୍‌ରେ ବସିବାକୁ କହିଥିଲେ। ନାବାଳିକା ଜଣଙ୍କ ପୂର୍ବରୁ ପ୍ରଶାନ୍ତଙ୍କୁ ଜାଣିଥିବାରୁ ତାଙ୍କ କାର୍‌ରେ ବସିଥିଲେ। ପରେ ପ୍ରଶାସନ ସହର ବାହାରକୁ ନେଇ କାର୍ ଭିତରେ ହିଁ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପରେ ନାବାଳିକାଙ୍କୁ ଆଣି ଘର ପାଖରେ ଛାଡି ପଳାଇଥିଲା। ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଥିଲା। ସେହିଦିନ ଠାରୁ ଅଭିଯୁକ୍ତ ପ୍ରଶାନ୍ତ ଫେରାରଥିଲା। ପ୍ରଶାନ୍ତ ରାଇକିଆ ସମେତ ପୁରୀ ଯାଇ ଲୁଚିଥିଲା। ପରେ ସେ ଦାରିଙ୍ଗବାଡି ଅଞ୍ଚଳକୁ ଆସିଥିବା ବେଳେ ପୁଲିସ ଗିରଫ କରିଛି। ତାଙ୍କୁ ପୋକ୍‌ସୋ କୋର୍ଟରେ ହାଜର କରାଯିବ। ଘଟଣା ଘଟିବା ପରେ ଗାଁରେ ଭଦ୍ର ଲୋକଙ୍କୁ ନେଇ ଏହାର ସମାଧାନ କରାଯିବାକୁ ଉଦ୍ୟମ କରାଯାଇଥିଲା। ଏଭଳି ଘଟଣାରେ ପୀଡିତାଙ୍କ ପରିବାର ଥାନାରେ ଅଭିଯୋଗ କରନ୍ତୁ। କୌଣସି ଗାଁ କମିଟିରେ ସମାଧାନ ପାଇଁ ବୈଠକ ନକରିବାକୁ ଏସଡିପିଓ ରମେନ୍ଦ୍ର ପ୍ରସାଦ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଲୋକଙ୍କୁ ନିବେଦନ କରିଛନ୍ତି।

## ପୂର୍ବତନ ସରପଞ୍ଚଙ୍କୁ ଆକ୍ରମଣ

ଦାରିଙ୍ଗବାଡ଼ି, ୯।୯ (ସମିସ): ଦାରିଙ୍ଗବାଡ଼ି ଥାନା କିରିକୁଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରିଲୋଚନ ପ୍ରଧାନ(ଟିଟୁ)ଙ୍କୁ ରବିବାର ବିଳମ୍ବିତ ରାତିରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଟିଟୁ ଏବେ ବ୍ରହ୍ମପୁର ଏମ୍‌କେସିଜିରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ପରିବାରରେ କେହି ନାହାନ୍ତି। ତାଙ୍କ ସ୍ତ୍ରୀ ମୃତ୍ୟୁ ହୋଇଯାଇଛି ଏବଂ ତାଙ୍କର କେହି ସନ୍ତାନ ନାହାନ୍ତି। ଆକ୍ରମଣ ଘଟଣାରେ ଟିଟୁଙ୍କ ମାମୁ ପୁଅ ତଥା ବଡ଼ଭାଇ ଜୟଚନ୍ଦ୍ର ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଭାଇ ଟିଟୁଙ୍କ ଜମିକୁ ଅନ୍ୟ ଦୂର ସମ୍ପର୍କୀୟମାନେ ହଡ଼ପ କରିବାକୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗପତ୍ରରେ କିଛି ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରିଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିବା କେହି ଜଣେ ଦେଖି ତାଙ୍କ ଭାଇଙ୍କୁ ଜଣାଇଥିଲେ। ପରେ ତାଙ୍କ ଭାଇ ଏକ ଅଟୋ ଯୋଗେ ପ୍ରଥମେ ଦାରିଙ୍ଗବାଡ଼ି ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

